# ସତ୍ୟବାକ୍ୟ

# THE WORD OF TRUTH

## MARCH & APRIL 2016

An Oriya Bimonthly Bulletin
Published by the Church of Christ

# THE VOICE OF TRUTH
**Edited and Published**
**By**
***Joshua & Kabita Gootam***

## CHURCH OF CHRIST
P.O. Box. No-80, Kakinada
A.P. -533001.
Ph : 0884-2363722.

Vol-21. Mar&Apr-2016. No-02

*Published every two months in Oriya language for the restoration of the pure New Testament Christianity.*

## Making the Right Choices during Difficult Times

***Title:*** Making the Right Choices during Difficult Times.

***Text:*** "When she saw that she was steadfastly minded to go with her, then she left speaking unto her." (Rut.1:18).

***Thesis:*** To study the hard choices made by the people in the book of Ruth.

***Introduction:***

1. The book of Ruth is full of people making choices.
2. This sermon we shall see:
   a. People that made the right choices.
      i. Naomi.
      ii. Ruth.
      iii. Boaz.
   b. People that made the hard choices.
      i.Orpah.
      ii.Man next of the kinsmen of Naomi.
   c. Lessons to learn from these people.
   d. Practical application to Christian age.

***Discussion:***

**I. People that made the right choices.**

A. Naomi.

1. She lost her husband and her two sons while in a foreign land. (Rut.1:1–5).

# ସତ୍ୟବାଣୀ
# VOICE OF TRUTH

**VOL - XXI KAKINADA MAR-APR-2016**


## ଈଶ୍ୱରଙ୍କ ବ୍ୟବସ୍ଥା
## (The Laws of God)

'ବ୍ୟବସ୍ଥା' ବୋଲି ଏହି ପଦ ବାଇବଲର ଏକ ସୁପରିଚିତ ପଦ । ଅନେକ ପ୍ରକାର ''ବ୍ୟବସ୍ଥା'' ବା ନିୟମାବଳୀ ଆମ୍ଭମାନଙ୍କ ଦୈନିକ ଜୀବନରେ ପ୍ରଭାବ ପକାଇ ଥାଏ । ପୁରା କାଳରେ ସଦାପ୍ରଭୁ ଇଶ୍ରାୟେଲ ଗୋଷ୍ଠୀ ନିମନ୍ତେ ଏକ ବ୍ୟବସ୍ଥା ପ୍ରଦାନ କରିଥିଲେ, ତାହା ମୋଶାଙ୍କ ବ୍ୟବସ୍ଥା ନାମରେ ପରିଚିତ । ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହର ଯୁଗରେ ଅର୍ଥାତ୍ ନୂତନ ନିୟମର ସମୟରେ ପ୍ରଚଳିତ ନିୟମକୁ ''ସ୍ୱାଧୀନତାର ବ୍ୟବସ୍ଥା'' ବୋଲି ଯାକୁବ ଆପଣା ଲେଖନୀରେ ପ୍ରକଟ କରନ୍ତି । (ଯାକୁବ ୧:୨୫) । ପୁରାତନ ହେଉ ବା ନୂତନ ହେଉ, ପ୍ରତ୍ୟେକ ନିୟମ ସେହି ଈଶ୍ୱରଦତ୍ତ ବ୍ୟବସ୍ଥାର ଛାୟା ମାତ୍ର ।

ସୃଷ୍ଟି ଆରମ୍ଭରୁ ମନୁଷ୍ୟମାନଙ୍କ ଶାସନ ନିମନ୍ତେ ସଦାପ୍ରଭୁ କେତୋଟି ଆଜ୍ଞା ପ୍ରଦାନ କରିଥିଲେ ଆଜ୍ଞା ଲଂଘନର ଅଭିବୃଦ୍ଧି ହେବା ସାଙ୍ଗେ ସାଙ୍ଗେ ଆଜ୍ଞାଗୁଡ଼ିକ ମଧ୍ୟ ବୃଦ୍ଧି ପାଇଲା । ଏହି ଆଜ୍ଞାଗୁଡ଼ିକ ମନୁଷ୍ୟମାନଙ୍କ ମଙ୍ଗଳ ସାଧନ କରିବା ସାଙ୍ଗେ ସାଙ୍ଗେ ସୁଦୃଢ଼ ଆତ୍ମିକ ଜୀବନଯାପନ କରିବାରେ ସାହାଯ୍ୟ କରେ ।

ପୁରାତନ ନିୟମର ଆଜ୍ଞାଗୁଡ଼ିକ ଦୁଇଭାଗରେ ବିଭକ୍ତ କରାଯାଇ ଅଛି । ପ୍ରଥମ ନିୟମ ''ପୈତୃକ ନିୟମ'' ଯାହାକି ପରିବାର ପିତାଙ୍କୁ ଦିଆଯାଉଥିଲା । ପିତାଙ୍କୁ ଦତ୍ତ ଆଜ୍ଞାଗୁଡ଼ିକ ପରିବାର ପ୍ରତ୍ୟେକ ସଭ୍ୟ ପାଳନ କରିବା ଆବଶ୍ୟକ । ଆଦମ, ନୋହ, ଅବ୍ରାହମ, ଇସହାକ ଓ ଯାକୁବ ପ୍ରଭୃତି ବ୍ୟକ୍ତିମାନଙ୍କ ଦ୍ୱାରା ସଦାପ୍ରଭୁ ସେମାନଙ୍କ ପରିବାର ସମୂହକୁ ଶାସନ କରିଥିଲେ । ଏହି ନିୟମ ଆଦମଙ୍କ ସମୟରେ

ଆରମ୍ଭ ହୋଇ ମୋଶାଙ୍କ ବ୍ୟବସ୍ଥା ଦତ୍ତ ହେବା ଯାଏ ଅର୍ଥାତ୍ ପ୍ରାୟ ପଚିଶି ଶହ ବର୍ଷ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ତେଣୁକରି ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, ''ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି...'' (ଏବ୍ରୀ ୧:୧) ।

ପୁରାତନ ନିୟମର ଦ୍ୱିତୀୟ ନିୟମ ମୋଶାଙ୍କ ବ୍ୟବସ୍ଥା ନାମରେ ପରିଚିତ । ଏହା ସଦାପ୍ରଭୁ ଇଶ୍ରାୟେଲ ଗୋଷ୍ଠୀଙ୍କୁ ମୋଶାଙ୍କ ଦ୍ୱାରା ପ୍ରଦାନ କରିଥିଲେ । ଏହାର ବିବରଣ ଆମ୍ଭେମାନେ ଯାତ୍ରା ପୁସ୍ତକର ୨୦ ପର୍ବରେ ପଢ଼ିପାରୁ । ସାମାଜିକ ଓ ନୈତିକ ଅନେକ ନିୟମାବଳୀ ତଥା ''ଦଶଆଜ୍ଞା'' ମଧ୍ୟ ଏହି ମୋଶାଙ୍କ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ । ଏହି ବ୍ୟବସ୍ଥା ପ୍ରଥମେ ପ୍ରସ୍ତର ଫଳକରେ ଲେଖାଯାଇଥିଲା, ତା'ପରେ ଏହା ପୁସ୍ତକରେ ତଥା ମନୁଷ୍ୟମାନଙ୍କ ହୃଦୟରୂପ ଫଳକରେ ଲେଖାଯାଇଥିଲା । ଏହି ବ୍ୟବସ୍ଥା ସଦାପ୍ରଭୁ ଇଶ୍ରାୟେଲ ଗୋଷ୍ଠୀ ନିମନ୍ତେ ପ୍ରଦାନ କରିଥିଲେ ଯାହାର ଅବଜ୍ଞାରେ ସେମାନେ କଠିନ ଶାସ୍ତିର ସମ୍ମୁଖୀନ ହେଉଥିଲେ । ଏହି ବ୍ୟବସ୍ଥା ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଅର୍ଥାତ୍ ପନ୍ଦର ଶହ ବର୍ଷ ପର୍ଯ୍ୟନ୍ତ ପ୍ରଚଳନରେ ଥିଲା । ତେଣୁକରି ପ୍ରେରିତ ଯୋହନ ଲେଖନ୍ତି, ''କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ପ୍ରଦତ୍ତହେଲା, କିନ୍ତୁ ଅନୁଗ୍ରହ ଓ ସତ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଉପସ୍ଥିତ ହେଲା ।'' (ଯୋହନ ୧:୧୭) । ଯୀଶୁ କହିଲେ, ''ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି, ଏପରି ଭାବ ନାହିଁ, ଲୋପ କରିବାକୁ ଆସିନାହିଁ ବରଂ ସଫଳ କରିବାକୁ ଆସିଅଛି । କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେ ପର୍ଯ୍ୟନ୍ତ ଆକାଶ ମଣ୍ଡଳ ଓ ପୃଥିବୀ ଲୋପ ନ ପାଇବ, ସେ ପର୍ଯ୍ୟନ୍ତ ସମସ୍ତ ଘଟିବା ଯାଏ ବ୍ୟବସ୍ଥାରୁ ଏକମାତ୍ର କି ଏକବିନ୍ଦୁ କୌଣସି ପ୍ରକାରେ ଲୋପ ପାଇବ ନାହିଁ ।'' (ମାଥିଉ ୫:୧୭,୧୮) । ତାହାଙ୍କ ପୁନର୍ରୁତ୍ଥାନ ପରେ ସେ କହିଲେ, ''ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଓ ଗୀତସଂହିତା ଧର୍ମଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖାଅଛି । ସେହସବୁ ସଫଳ ହେବା ଆବଶ୍ୟକ, ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଥିଲି ।'' (ଲୁକ ୨୪:୪୪) ଏହି ବିଷୟରେ ଆମ୍ଭେମାନେ ୨ୟ କରିନ୍ଥୀ ୩ ପର୍ବ, କଲସୀ ୨:୧୪ ଓ ଗାଲାତୀ ୫:୪ ପଦଗୁଡ଼ିକରେ ପଢ଼ିପାରୁ ।

ବାଇବଲର ତୃତୀୟ ବ୍ୟବସ୍ଥା ବା ନିୟମ ନୂତନ ନିୟମ ଅଟେ । ଏହି ନିୟମ ଖ୍ରୀଷ୍ଟଙ୍କ ନିୟମ । ସଦାପ୍ରଭୁ, ଯୀଶୁଖ୍ରୀଷ୍ଟ ତଥା ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା

ଲିଖିତ ରୂପରେ ଆମ୍ଭମାନଙ୍କ ପ୍ରଦାନ କରିଅଛନ୍ତି । ଏହି ନିୟମ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ସମୟରୁ ପ୍ରଚଳନରେ ଅଛି ଓ ତାହାଙ୍କ ଆଗମନ ପର୍ଯ୍ୟନ୍ତ ପ୍ରଚଳନରେ ଥିବ । ଏହି ନିୟମ ଜଗତର ପ୍ରତ୍ୟେକ ମାନବ ନିମନ୍ତେ ପ୍ରଦତ୍ତ ହୋଇଅଛି । ଯେପରି ଯୀଶୁ କହିଲେ, ''ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର ।'' (ମାର୍କ ୧୬:୧୫) । ପୁରାକାଳରେ ସଦାପ୍ରଭୁ ପିତୃପୁରୁଷମାନଙ୍କୁ ଭାବବାଦୀମାନଙ୍କ ଦ୍ୱାରା କଥା କହିଅଛନ୍ତି; ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତି କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ ।'' (ଏବ୍ରୀ ୧:୨) ଯୀଶୁଖ୍ରୀଷ୍ଟଙ୍କ ରୂପାନ୍ତରିତ ହେବା ସମୟରେ ପିତା ପରମେଶ୍ୱର କହିଲେ, ''ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।'' (ମାଥିଉ ୧୭:୫) । ଯୋହନ ୧:୧୭ରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଅନୁଗ୍ରହ ଓ ସତ୍ୟ ଉପସ୍ଥିତ ହେଲା ବୋଲି ଲେଖାଯାଏ । ଏହି ନିୟମକୁ ''ସ୍ୱାଧୀନତାର ବ୍ୟବସ୍ଥା'' ବୋଲି ଯାକୁବ ଆପଣା ଲେଖନୀରେ ପ୍ରକଟ କରିଅଛନ୍ତି ।'' (ଯାକୁବ ୧:୨୫)

ଏହି ବିଶ୍ଳେଷଣରୁ ଏହା ପ୍ରମାଣିତ ହୁଏ ଯେ, ଆମ୍ଭେମାନେ ''ପୈତୃକ ବ୍ୟବସ୍ଥା'' ଯୁଗରେ ବାସ କରୁନାହୁଁ, କାରଣ ତାହା ମନୁଷ୍ୟ ସୃଷ୍ଟିର ପଚିଶି ଶହ ବର୍ଷ ସମୟରେ ପ୍ରଚଳନରେ ଥିଲା, ଏବଂ ଆମ୍ଭେମାନେ ସେହି ସମୟରେ ଜୀବିତ ନ ଥିଲୁ ତେଣୁକରି ତାହା ଆମ୍ଭମାନଙ୍କ ଉପରେ ରାଜତ୍ୱ ନ କରେ । ଆମ୍ଭେମାନେ ମୋଶାଙ୍କ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ନୋହୁଁ, କାରଣ ତାହା ମୋଶାଙ୍କ ସମୟ ଠାରୁ ଯୀଶୁଖ୍ରୀଷ୍ଟଙ୍କ ମରଣ ପର୍ଯ୍ୟନ୍ତ ପ୍ରଚଳନରେ ଥିଲା । ତେବେ ଆମ୍ଭେମାନେ କେଉଁ ନିୟମାଧୀନ ? ଯୀଶୁଖ୍ରୀଷ୍ଟଙ୍କ ମରଣ ପରେ ଅନୁଗ୍ରହର ଯୁଗ ବା ନୂତନ ନିୟମ ଧ୍ୟାନ କରିବା ଦ୍ୱାରା ଏହାର ନିୟମାବଳୀ ଆମ୍ଭେମାନେ ଜାଣିପାରିବା ।

ପୁରାତନ ନିୟମ ହେଉ ବା ନୂତନ ନିୟମ ହେଉ ମନୁଷ୍ୟର ମଙ୍ଗଳ ସାଧନ ନିମନ୍ତେ ଈଶ୍ୱର ପ୍ରଦାନ କରିଅଛନ୍ତି । ଈଶ୍ୱରଙ୍କ ବ୍ୟବସ୍ଥା ପାଳନକାରୀମାନେ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି ଓ ଅବଜ୍ଞାକାରୀମାନେ ଦଣ୍ଡିତ ହୁଅନ୍ତି । ତାହାଙ୍କ ଆଜ୍ଞାଗୁଡ଼ିକରେ କୌଣସି ବିଷୟ ଯୋଗ କରିବାରେ ବା ବିଯୋଗ କରିବାରେ ମନୁଷ୍ୟକୁ ଅଧିକାର ଦତ୍ତହୋଇନାହିଁ । ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ବିକୃତ କରିବା ମନୁଷ୍ୟମାନଙ୍କୁ ପ୍ରକାଶିତ ୨୨:୧୮ ପ୍ରଭୁ ସତର୍କ କରାନ୍ତି ।

ଈଶ୍ୱରଙ୍କ ଆଜ୍ଞା ବ୍ୟତୀତ ଦେଶର, ନଗରର ପ୍ରଭୃତି ନିୟମାବଳୀ ଦ୍ୱାରା ଆମ୍ଭମାନଙ୍କ ଦୈନିକ ଜୀବନ ଜଡ଼ିତ । ଅନ୍ୟାନ୍ୟ ନିୟମାବଳୀ ଗୁଡ଼ିକ ମଧ୍ୟ ଈଶ୍ୱର ଦତ୍ତ ମୌଳିକ ନିୟମାବଳୀ ଅନ୍ତର୍ଭୁକ୍ତ । ଏହି ନିୟମାବଳୀଗୁଡ଼ିକ ବିଷୟରେ ପାଉଲ କହନ୍ତି, ''ପ୍ରତ୍ୟେକ ଜଣ ଅଧିକାର ପ୍ରାପ୍ତ ଶାସନକର୍ତ୍ତାଙ୍କ ବଶୀଭୂତ ହେଉ, କାରଣ ଅଧିକାର କେବଳ ଈଶ୍ୱରଙ୍କ ଠାରୁ ଆସେ, ଆଉ ଯେ ସମସ୍ତ ଅଧିକାର ପ୍ରାପ୍ତ ଶାସନକର୍ତ୍ତା ଅଛନ୍ତି, ସେମାନେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ । ଅତଏବ, ଯେ ଅଧିକାର ପ୍ରତିରୋଧ କରେ, ସେ ଈଶ୍ୱରଙ୍କ ବିଧାନର ପ୍ରତିରୋଧ କରେ, ପୁଣି ଯେଉଁମାନେ ପ୍ରତିରୋଧ କରନ୍ତି, ସେମାନେ ଆପଣା ଆପଣା ଉପରେ ଦଣ୍ଡ ଘଟାଇବେ । କାରଣ ଶାସନକର୍ତ୍ତାମାନେ ସଦାଚାରୀ ପ୍ରତି ଭୟଜନକ ନୁହଁନ୍ତି, କିନ୍ତୁ ଅସଦାଚାରୀ ପ୍ରତି ଭୟଜନକ । ତୁମ୍ଭେ କି ଅଧିକାର ପ୍ରାପ୍ତ ଶାସନକର୍ତ୍ତାଙ୍କ ନିକଟରେ ନିର୍ଭୟ ହେବାକୁ ଇଚ୍ଛା କର ? ତେବେ ସଦାଚାର କର । ତାହାହେଲେ ତାହାଙ୍କ ଠାରୁ ପ୍ରଶଂସା ପାଇବ । କାରଣ ସେ ମଙ୍ଗଳ ନିମନ୍ତେ ତୁମ୍ଭପାଇଁ ଈଶ୍ୱରଙ୍କ ସେବକ । କିନ୍ତୁ ଯଦି ଅସଦାଚାର କର, ତାହାହେଲ ଭୀତ ହୁଅ, ଯେଣୁ ସେ ନିରର୍ଥକ ଖଡ଼ଗ ଧାରଣ କରନ୍ତି ନାହିଁ, କାରଣ ସେ ଈଶ୍ୱରଙ୍କ ସେବକ ସ୍ୱରୂପେ ଅସଦାଚାରୀ ପ୍ରତି କ୍ରୋଧ ପ୍ରକାଶ କରିବା ନିମନ୍ତେ ଦଣ୍ଡଦାତା ଅଟନ୍ତି । ଅତଏବ, କେବଳ କ୍ରୋଧର ଭୟରେ ନୁହେଁ, ମାତ୍ର ବିବେକ ହେତୁ ମଧ୍ୟ ବଶୀଭୂତ ହେବା ଆବଶ୍ୟକ । ଯେଣୁ ଏହି କାରଣରୁ ତୁମ୍ଭେମାନେ ରାଜସ୍ୱ ମଧ୍ୟ ଦେଇଥାଅ, କାରଣ ସେମାନେ ଈଶ୍ୱରଙ୍କ ସେବକଙ୍କ ସ୍ୱରୂପେ ଏହି କାର୍ଯ୍ୟରେ ପ୍ରବୃତ୍ତ ରହନ୍ତି । ଯାହାଙ୍କର ଯାହା ପ୍ରାପ୍ୟ, ତାହାଙ୍କୁ ତାହା ଦିଅ, ଯାହାଙ୍କୁ ରାଜସ୍ୱ ଦେବାକୁ ହୁଏ, ତାହାଙ୍କୁ ରାଜସ୍ୱ ଦିଅ, ଯାହାକୁ ଶୁଳ୍କ ଦେବାକୁ ହୁଏ, ତାହାଙ୍କୁ ଶୁଳ୍କ ଦିଅ; ଯାହାଙ୍କୁ ଭୟ କରିବାକୁ ହୁଏ, ତାହାଙ୍କୁ ଭୟ କର, ଯାହାକୁ ସମାଦର କରିବାକୁ ହୁଏ, ତାହାଙ୍କୁ ସମାଦର କର ।'' (ରୋମୀୟ ୧୩:୧-୧୭) ପ୍ରେରିତ ପିତର କହନ୍ତି, ପ୍ରଭୁଙ୍କ ସକାଶେ ସମସ୍ତ ମାନବୀୟ ବିଧାନର ବଶୀଭୂତ ହୁଅ । ସର୍ବ ପ୍ରଧାନ ରାଜା ହେଉନ୍ତୁ କିଅବା ଦୁଷ୍କର୍ମକାରୀମାନଙ୍କୁ ପ୍ରତିଫଳ ଦେବା ନିମନ୍ତେ ଓ ସତ୍କର୍ମକାରୀମାନଙ୍କୁ ପ୍ରଶସା କରିବା ନିମନ୍ତେ ତାହାଙ୍କ ଦ୍ୱାରା ପ୍ରେରିତ ଶାସନ କର୍ତ୍ତାମାନେ ହେଉନ୍ତୁ, ସେମାନଙ୍କର ବଶୀଭୂତ ହୁଅ । କାରଣ ତୁମ୍ଭେମାନେ ଯେ ସତ୍କର୍ମ କରି ନିର୍ବୋଧମାନଙ୍କ ଅଜ୍ଞାନର କଥା ବନ୍ଦ କର, ଏହା ଈଶ୍ୱରଙ୍କ ଇଚ୍ଛା; ତୁମ୍ଭେମାନେ ସ୍ୱାଧୀନ ହେଲେ ହେଁ ତୁମ୍ଭମାନଙ୍କର ସ୍ୱାଧୀନତାକୁ ଦୁଷ୍ଟତାର ଆବରଣ ସ୍ୱରୂପ ବ୍ୟବହାର

ନ କରି ବରଂ ଈଶ୍ୱରଙ୍କ ଦାସ ହୋଇ ସତ୍କର୍ମ କର ।'' (୧ମ ପିତର ୨:୧୩-୧୭) । ପୁନର୍ବାର ପାଉଲ ତିତସଙ୍କୁ କହନ୍ତି, ''କର୍ତ୍ତୃପକ୍ଷ ଓ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କର ବଶୀଭୂତ ଓ ବାଧ୍ୟ ହେବାକୁ ପୁଣି, ସମସ୍ତ ପ୍ରକାର ସତ୍‌କର୍ମ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ ... ...।'' (ତିତସ ୩:୧)

ପ୍ରତ୍ୟେକ ଦେଶର ଆପଣା ଆପଣା ଶାସନ ନିୟମ ଥାଏ । ଆମ୍ଭମାନଙ୍କ ଭାରତ ବର୍ଷରେ ମଧ୍ୟ ଅନେକ ଆଇନ ରହିଅଛି, ଯାହା ପ୍ରତ୍ୟେକ ନାଗରିକର ପାଳନ କରିବା କର୍ତ୍ତବ୍ୟ ଅଟେ । ପ୍ରତ୍ୟେକ ନିୟମ ମନୁଷ୍ୟମାନଙ୍କ ହିତ ଜନକ ଓ ପ୍ରତ୍ୟେକ ଉତ୍ତମ ବିଷୟ ସ୍ୱର୍ଗରୁ ଆଗତ ବୋଲି ବାକ୍ୟ କହେ । ଉତ୍ତମ ନାଗରିକ ନ ହୋଇ ଆମ୍ଭେମାନେ କି ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବା ? ଉଦାହରଣ ସ୍ୱରୂପ ପ୍ରତ୍ୟେକ ନାଗରିକ ନିୟମିତ କର ଦେବା ଆବଶ୍ୟକ, ତଥା ରାସ୍ତାରେ ଚାଲିବା ବେଳେ ରାସ୍ତାର ନିୟମ ପାଳନ କରିବା ଆବଶ୍ୟକ । ନିୟମ ବିହୀନ ସ୍ଥଳେ ଆମ୍ଭମାନେ ଅନେକ ଆପଦ, ଅସ୍ଥିରତାର ସମ୍ମୁଖୀନ ହୋଇଥାଉ । ପ୍ରତ୍ୟେକ ଉତ୍ତମ ନାଗରିକ ପ୍ରକୃତ ଖ୍ରୀଷ୍ଟିୟାନ ନୁହନ୍ତି, କିନ୍ତୁ ପ୍ରତ୍ୟେକ ପ୍ରକୃତ ଖ୍ରୀଷ୍ଟିୟାନ ଉତ୍ତମ ନାଗରିକ ମଧ୍ୟ ଅଟନ୍ତି ।

ଈଶ୍ୱରଙ୍କ ବ୍ୟବସ୍ଥା ତଥା ଦେଶର ବ୍ୟବସ୍ଥା ବିଷୟରେ ଆପଣଙ୍କ ମତ କଅଣ ? ଉଭୟ ବ୍ୟବସ୍ଥା ପାଳନ କଲେ ଆମ୍ଭେମାନେ ଇହଲୋକ ପରଲୋକରେ ଶାନ୍ତି ସନ୍ତୋଷର ଜୀବନଯାପନ କରିପାରିବା ।

**- J.C. Choate**

❋ ❋ ❋

# ବିଜାତୀୟା ନାରୀଙ୍କ ବିଶ୍ୱାସ

ମୋଶାଙ୍କ ନେତୃତ୍ୱରେ ଇଶ୍ରାୟେଲ ଗୋଷ୍ଠୀ ସଦାପ୍ରଭୁଙ୍କ ବାହୁବଳ ଦ୍ୱାରା ମିସର ଦେଶର ବନ୍ଦୀତ୍ୱରୁ ମୁକ୍ତ ହେଲେ । ମୋଶାଙ୍କ ମୃତ୍ୟୁ ପରେ ଇଶ୍ରାୟେଲର ନେତୃତ୍ୱର ଭାର ଯିହୋଶୂୟଙ୍କ ସ୍କନ୍ଧ ଉପରେ ପରମେଶ୍ୱର ଥୋଇ ଥିଲେ । ତାହାଙ୍କ ପ୍ରଥମ କାର୍ଯ୍ୟ ଇଶ୍ରାୟେଲୀୟମାନଙ୍କୁ ଯର୍ଦ୍ଦନ ପାର କରାଇବା । ପ୍ରଥମେ ସେ ତିନି ଦିନରେ ଯର୍ଦ୍ଦନ ପାର ହେବା ନିମନ୍ତେ ଲୋକମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ ଅଧ୍ୟକ୍ଷମାନଙ୍କୁ ଆଜ୍ଞା ଦେଲେ । ଦ୍ୱିତୀୟରେ, ରୁବେନୀୟ, ଗାଦୀୟ ଓ ମନଃଶିର ଅର୍ଦ୍ଧବଂଶକୁ ଆଗାମୀ ଯୁଦ୍ଧରେ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ ।

ତୃତୀୟ ଯୋଜନାରେ ସେ ଦୁଇ ବ୍ୟକ୍ତିଙ୍କୁ ଯିରୋହ ନଗର ଅନୁସନ୍ଧାନ କରିବା ନିମନ୍ତେ ପ୍ରେରଣ କଲେ । ଏହି ଦୁଇ ବ୍ୟକ୍ତି ବିଜାତୀୟମାନଙ୍କ ନଗରରେ ବିଶ୍ୱାସିନୀ ଏକ ନାରୀଙ୍କ ସନ୍ଧାନ ପାଇଥିଲେ । ସେ ରାହାବ ନାମ୍ନୀ ବେଶ୍ୟା, ଯାହାଙ୍କ ଗୃହରେ ପ୍ରବେଶ କରିବା ପ୍ରକୃତିଗତ ଥିବାରୁ, ସେହି ଦୁଇ ଅନୁସନ୍ଧାନକାରୀ ରାହେବଙ୍କ ଗୃହକୁ ଯିବା ସନ୍ଦେହ ଜନ୍ମାଇ ନ ଥିଲା । ତଥା ଏହି କାର୍ଯ୍ୟ ଈଶ୍ୱରଙ୍କ ଯୋଜନା ଥିଲା । ଯେଣୁ ସେହି ବିଶ୍ୱାସିନୀ ନାରୀଙ୍କ ଦ୍ୱାରା ସଦାପ୍ରଭୁ ଇଶ୍ରାୟେଲମାନଙ୍କୁ ଯିରୋହ ନଗର ହସ୍ତଗତ କରିବାରେ ସାହାଯ୍ୟ କରିଥିଲେ ।

ଯିରିହୋର ରାଜା ଅନୁସନ୍ଧାନକାରୀମାନଙ୍କ ବିଷୟ ଜ୍ଞାତ ହୋଇ ସେମାନଙ୍କୁ ସମର୍ପଣ କରିବା ନିମନ୍ତେ ରାହାବ ନିକଟକୁ ଲୋକ ପଠାଇଲେ । କିନ୍ତୁ ସେ ସେମାନଙ୍କୁ କହିଲେ, ''ହେ, ସେହି ଲୋକମାନେ ମୋ କତିକି ଆସିଥିଲେ, ମାତ୍ର ସେମାନେ କେଉଁଠାର ଲୋକ ତାହା ମୁଁ ଜାଣେ ନାହିଁ । ମାତ୍ର ଅନ୍ଧକାର ହୁଅନ୍ତେ ପ୍ରାୟ ନଗରଦ୍ୱାର ବନ୍ଦ କରିବା ସମୟରେ ସେହି ଲୋକମାନେ ବାହାରି ଗଲେ, ମାତ୍ର ସେମାନେ କେଉଁଆଡ଼େ ଗଲେ, ତାହା ମୁଁ ଜାଣେ ନାହିଁ, ବେଗେ ସେମାନଙ୍କ ପଛେ ପଛେ ଗୋଡ଼ାଅ, ତେବେ ସେମାନଙ୍କୁ ଧରିପାରିବ ।'' କିନ୍ତୁ ସେ ସେମାନଙ୍କୁ ଛାତ ଉପରେ ସଜାଇ ରଖିଥିବା ଆପଣା ମସିନା ଝାଟିରେ ଲୁଚାଇ ରଖିଥିଲା !

''ମୁଁ ଜାଣେ, ସଦାପ୍ରଭୁ ତୁମ୍ଭମାନଙ୍କୁ ଏହି ଦେଶ ଦେଇଅଛନ୍ତି, ତୁମ୍ଭମାନଙ୍କ ବିଷୟକ ତ୍ରାସ ଆମ୍ଭମାନଙ୍କ ଉପରେ ପଡ଼ିଅଛି ଓ ଏହି ଦେଶ ନିବାସୀ ସମସ୍ତେ

ତୁମ୍ଭମାନଙ୍କ ଆଗରେ ତରଳି ଯାଉଅଛନ୍ତି । କାରଣ ତୁମ୍ଭେମାନେ ମିସରରୁ ବାହାରି ଆସିବା ବେଳେ ସଦାପ୍ରଭୁ ତୁମ୍ଭମାନଙ୍କ ସମ୍ମୁଖରେ କି ପ୍ରକାରେ ସୁଫ ସମୁଦ୍ରର ଜଳ ଶୁଷ୍କ କଲେ, ପୁଣି ତୁମ୍ଭେମାନେ ଯର୍ଦ୍ଦନ ସେ ପରିସ୍ଥିତି ସିହୋନ ଓ ଓଗ୍ ନାମକ ଇମୋରୀୟମାନଙ୍କ ଦୁଇ ରାଜାଙ୍କ ପ୍ରତି କି ପ୍ରକାର ବ୍ୟବହାର କରି ସେମାନଙ୍କୁ ବର୍ଜିତ ରୂପେ ବିନାଶ କରିଅଛ, ତାହା ଆମ୍ଭେମାନେ ଶୁଣିଅଛୁ ।.......କାରଣ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଉପରିସ୍ଥ ସ୍ୱର୍ଗରେ ଓ ନୀଚସ୍ଥ ପୃଥିବୀରେ ପରମେଶ୍ୱର ଅଟନ୍ତି ।'' (ଯିହୋଶୂୟ ୨:୯-୧୧) ଏହି ବାକ୍ୟଗୁଡ଼ିକରେ ରାହାବଙ୍କ ବିଶ୍ୱାସ ପ୍ରକାଶ ପାଏ । ଯାକୁବଙ୍କ ଅନୁଯାୟୀ ବିଶ୍ୱାସ କର୍ମ ବିନା ମୃତ । ରାହାବ ଅନୁସନ୍ଧାନକାରୀମାନଙ୍କୁ ଆପଣା ଗୃହରେ ଲୁଚାଇ ରଖିବା ଦ୍ୱାରା ଆପଣା ବିଶ୍ୱାସ କର୍ମ ଦ୍ୱାରା ପ୍ରକଟ କରିଅଛନ୍ତି । ତାହାଙ୍କ ଏହି କର୍ମ ଦ୍ୱାରା ସେ ଏକ ବିଶ୍ୱାସିନୀ ସ୍ତ୍ରୀ ରୂପେ ଈଶ୍ୱରଙ୍କ ବାକ୍ୟ ପରିଗଣିତ କରେ । (ଏବ୍ରୀ ୧୧:୩୧)

ଏହି ସୁନ୍ଦର କାହାଣୀ ସେ ସମୟର ଅନ୍ୟ କେତୋଟି ସତ୍ୟତା ପ୍ରକଟ କରେ । ସେ ନାରୀ ଛାତ ଉପରେ ମସିନାଝାଟି ଶୁଖାଇ ଥିବାରୁ ତାହା ମାର୍ଚ୍ଚ-ଏପ୍ରିଲ୍ ମାସ ଓ ଗ୍ରୀଷ୍ମ ସମୟ ବୋଲି ଜାଣିପାରୁ । ଦ୍ୱିତୀୟରେ ରାହାବଙ୍କ ଆପଣା ପରିବାର ପ୍ରତି ଥିବା ପ୍ରଗାଢ଼ ପ୍ରେମ ପ୍ରକାଶ ପାଏ । ଯିରୋହ ନଗରର ପତନ ସମୟରେ ସେ ଆପଣା ପରିବାରକୁ ରକ୍ଷା କରିବା ନିମନ୍ତେ ଇଶ୍ରାୟେଲୀୟ ଦୁଇ ଚୋରଙ୍କୁ ପ୍ରାର୍ଥନା କରିଥିଲେ ।

ରାହୋବ ସେହି ଦୁଇ ବ୍ୟକ୍ତିଙ୍କୁ ଝରକା ବାଟେ ଦଉଡ଼ିରେ ଓହ୍ଲାଇ ଦେଇ ତିନି ଦିନ ପର୍ଯ୍ୟନ୍ତ ନିକଟସ୍ଥ ପର୍ବତମାଳାରେ ଲୁଚିରହି ତା'ପରେ ଆପଣା ବାଟରେ ଫେରି ଯିବା ନିମନ୍ତେ କହିଥିଲେ । ଏହି ପର୍ବତମାଳା ଯିରୋହ ନଗରରୁ ପ୍ରାୟ ଏକ ମାଇଲ ଦୂରରେ ତଥା ଏହାର ଉଚ୍ଚତା ପ୍ରାୟ ୧୫୦୦ ଓ ୨୦୦୦ ଫୁଟ ଥିଲା ବୋଲି ଅନେକ ଲୋକଙ୍କ ମତ । ଏହି ପର୍ବତମାଳାର ଗୁମ୍ଫା ସେମାନଙ୍କ ନିମନ୍ତେ ଉପଯୁକ୍ତ ସୁରକ୍ଷାର ସ୍ଥଳ । ଏହି ଗୁମ୍ଫାରେ Dead Sea Scrolls ମିଳିଥିଲା । ଇଶ୍ରାୟେଲୀୟ ଦୁଇ ବ୍ୟକ୍ତି ରାହାବଙ୍କ ସୁରକ୍ଷା ନିମନ୍ତେ ତିନିଟି ସର୍ତ୍ତ ରଖିଥିଲେ । ''ଦେଖ, ତୁମ୍ଭେ ଯେଉଁ ଝରକା ଦେଇ ଆମ୍ଭମାନଙ୍କୁ ଓହ୍ଲାଇ ଦେଲେ, ଆମ୍ଭେମାନେ ଏ ଦେଶକୁ ଆସିଲା ବେଳେ ତୁମ୍ଭେ ସେହି ଝରକାରେ ଏହି ସିନ୍ଦୂରବର୍ଣ୍ଣ ସୂତା ଡୋରି ବାନ୍ଧି ରଖିବ । ପୁଣି ତୁମ୍ଭେ ଆପଣା ପିତା ଓ ଆପଣା ମାତା ଓ ଆପଣା ଭ୍ରାତୃଗଣ ଓ ଆପଣା ପିତୃକୁଳର

ସମସ୍ତଙ୍କୁ ଆପଣା ନିକଟରେ ଗୃହରେ ଏକତ୍ର କରିବ । .....ମାତ୍ର ତୁମ୍ଭେ ଯେବେ ଆମ୍ଭମାନଙ୍କର ଏହିକଥା ପ୍ରକାଶ କର, ତେବେ ତୁମ୍ଭେ ଯେବେ ଆମ୍ଭମାନଙ୍କୁ ଯେଉଁ ଶପଥ କରାଇଅଛ, ତୁମ୍ଭେ ସେହି ଶପଥରୁ ଆମ୍ଭେମାନେ ନିର୍ଦ୍ଦୋଷ ହେବୁ ।'' (ଯିହୋଶୂୟ ୨:୧୭-୨୦) । ବିଜାତୀୟ ରାହାବ ଆପଣା ବିଶ୍ୱାସ ଦ୍ୱାରା ସମସ୍ତ ସର୍ତ୍ତ ପାଳନ କରି ଆପଣାକୁ ଆପଣା ପରିବାରକୁ ରକ୍ଷା କରି ପାରିଥିଲେ । ବିଜାତୀୟା ବିଶ୍ୱାସିନୀ ରାହେବଙ୍କ ଏହି ସୁନ୍ଦର କାହାଣୀ ଇଶ୍ରାୟେଲ ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି ।

- Gary Hampton

❋ ❋ ❋

## ଜୀବନର ଉତ୍କୃଷ୍ଟତମ ବିଷୟ
### (The Greatest things of Life)

ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଏକ ନିତ୍ୟ ସତ୍ୟ ବିଷୟରେ ଲେଖନ୍ତି, ''ଅତଏବ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ।'' (୧ମ କରିନ୍ଥୀ ୧୩:୧୩) ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳରେ ପ୍ରେମ ମନୁଷ୍ୟମାନଙ୍କ ଜୀବନର ଏକ ରମଣୀୟ ଶକ୍ତି ବନ୍ଧନ । ''ପ୍ରେମ ଦୀର୍ଘ ସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଅନୁଚିତ ବ୍ୟବହାର କରେନାହିଁ, ସ୍ୱାର୍ଥ ଚେଷ୍ଟା ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ,.....ସମସ୍ତ ବିଷୟ ଧୈର୍ଯ୍ୟ ଧରି ରହେ ।'' (୧ମ କରିନ୍ଥୀ ୧୩:୫-୭) । ପ୍ରେମ ବ୍ୟତୀତ ଆମ୍ଭମାନଙ୍କୁ ବିବେଚନାରେ ଯୋଗ୍ୟ ଅନ୍ୟ କେତୋଟି ଉତ୍କୃଷ୍ଟତମ ବିଷୟ :-

ଈଶ୍ୱରଙ୍କୁ ଗୌରବାନ୍ୱିତ କରିବା ଆମ୍ଭମାନଙ୍କ ଜୀବନର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ଲେଖାଯାଏ, ''ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହାକିଛି କର, ସେ ସମସ୍ତ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲସୀ ୩:୧୭) । ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳକୁ ଲେଖନ୍ତି,''....ଯାହା କିଛି କର, ଈଶ୍ୱରଙ୍କ ଗୌରବ ନିମନ୍ତେ ସଦୁପଯୋଗ କର ।'' (୧ମ କରିନ୍ଥୀ ୧୦:୩୧) ଆମ୍ଭମାନଙ୍କ ଜୀବନ ତାହାଙ୍କୁ ଗୌରବାନ୍ୱିତ କରୁଛି କି ?

ଈଶ୍ୱରଙ୍କ ସନ୍ତାନ ରୂପେ ପରିଗଣିତ ହେବା ଶ୍ରେଷ୍ଠତମ ସୌଭାଗ୍ୟ । ପ୍ରେରିତ ଯୋହନ ଆଦିମ ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି, "ଦେଖ, ପିତା, ଆମ୍ଭମାନଙ୍କୁ କି ପ୍ରକାର ପ୍ରେମଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହାହିଁ ଅଟୁ ।" (୧ମ ଯୋହନ ୩:୧) । ପିତା ଈଶ୍ୱରଙ୍କ ସେହି ଶ୍ରେଷ୍ଠତମ ଦାନର ଅଧିକାରୀ ଆପଣ ହୋଇପାରିଛନ୍ତି କି ?

ଈଶ୍ୱରଙ୍କ ବିଷୟକ ଜ୍ଞାନ ଜୀବନର ସର୍ବଶ୍ରେଷ୍ଠ ସମ୍ପଦ । ଯୀଶୁଖ୍ରୀଷ୍ଟ ନିଜେ ଏପରି କହନ୍ତି, "ଆଉ ଏକମାତ୍ର ସତ୍ୟ ଯେ ତୁମ୍ଭେ, ତୁମ୍ଭକୁ ଓ ତୁମ୍ଭର ପ୍ରେରିତ ଯୀଶୁଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ ।" (ଯୋହନ ୧୭:୩) । ଏହି ଜଗତର ଜ୍ଞାନ ଈଶ୍ୱରଙ୍କ ନିକଟରେ ମୁର୍ଖତା । ଈଶ୍ୱରଙ୍କ ବିଷୟରେ ଅଜ୍ଞାନୀ ଶିକ୍ଷିତ ହେଲେ ହେଁ ମୁର୍ଖ । ଈଶ୍ୱରଙ୍କ ବିଷୟକ ଜ୍ଞାନର ସମ୍ପଦ ଆପଣ କି ଅର୍ଜନ କରିପାରିଅଛନ୍ତି ?

ଈଶ୍ୱରଙ୍କ କାର୍ଯ୍ୟରେ ଆପଣା ସମୟ ବିନିଯୋଗ କରିବା ମନୁଷ୍ୟର ଜୀବନ ସର୍ବଶ୍ରେଷ୍ଠ ବୃତ୍ତି । ପାଉଲ ଏଫିସୀ ମଣ୍ଡଳୀକୁ କହନ୍ତି, "ଅତଏବ, ପ୍ରଭୁଙ୍କ ହେତୁ ବନ୍ଦୀ ଯେ ମୁଁ, ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୁତ ହୋଇଅଛ, ସେଥିର ଯୋଗ୍ୟ ଆଚରଣ କର ।" (ଏଫିସୀ ୪:୧) । ଖ୍ରୀଷ୍ଟିୟ ଜୀବନ ଏକ ଆଜୀବନକାଳ ବୃତ୍ତି ସଦୃଶ୍ୟ ଏଠାରେ ବର୍ଣ୍ଣନା କରାଯାଇଅଛି । ସେହି ବୃତ୍ତିରେ ଆମ୍ଭେମାନେ କିପରି ଅଭିବୃଦ୍ଧି କରୁଅଛୁ ?

ଏହି ଜଗତରେ ସର୍ବଶ୍ରେଷ୍ଠ କାର୍ଯ୍ୟ ମନୁଷ୍ୟମାନଙ୍କ ଆତ୍ମରକ୍ଷା କରିବା । ଜ୍ଞାନୀ ଶଲୋମନଙ୍କ ଭାଷାରେ, "ଧାର୍ମିକର ଫଳ ଜୀବନଦାୟକ ବୃକ୍ଷ ଅଟେ, ପୁଣି ଯେ ଜ୍ଞାନବାନ ସେ (ଅନ୍ୟମାନଙ୍କର) ଆତ୍ମା ଲାଭ କରିବ ।" (ହିତ ୧୧:୩୦) ଜକ୍‌କିୟଙ୍କ ଗୃହରେ ଯୀଶୁଖ୍ରୀଷ୍ଟ ତାହାଙ୍କ ଆଗମନର ମୁଖ୍ୟ କାରଣ ପ୍ରକଟ କରି କହିଲେ, "କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସି ଅଛନ୍ତି ।" (ଲୂକ ୧୯:୧୦) ଯୀଶୁଖ୍ରୀଷ୍ଟଙ୍କ ଆତ୍ମିକ ଶରୀର "ଖ୍ରୀଷ୍ଟଙ୍କ ମଣ୍ଡଳୀ" ତାହାଙ୍କ ସେହି କାର୍ଯ୍ୟର ଭାର ବହନ କରିଅଛି । ବିନଷ୍ଟ ହୋଇଯାଉଥିବା ଆତ୍ମାଗୁଡ଼ିକ ପରିତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଶରୀର ସଦୃଶ୍ୟ ମଣ୍ଡଳୀରେ କଢ଼ାଇ ଆଣିବା ମନୁଷ୍ୟର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ।

ଆପଣା ଆତ୍ମାର ବିନାଶ ମନୁଷ୍ୟର ପ୍ରଧାନ କ୍ଷତି । ଯୀଶୁଖ୍ରୀଷ୍ଟ ମାଥିଉ ୧୬:୨୬ ପଦରେ କହନ୍ତି, "ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି

ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ?'' ମନୁଷ୍ୟ ଏହି ଜଗତରେ ଅପାର ଜ୍ଞାନ ଧନସମ୍ପଦର ଲାଭ କଲେ ହେଁ, ଯୀଶୁଖ୍ରୀଷ୍ଟଙ୍କ ବିନା ତାହାର ଆତ୍ମାର ମୁକ୍ତି ନାହିଁ । ଅନନ୍ତ ଜୀବନ ଆମ୍ଭେମାନେ କେବଳ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହରେ ପାଇଥାଉ । ଏହି ଅସ୍ଥାୟୀ ଜଗତର ଅସ୍ଥାୟୀ ସମ୍ପଦ ଲାଭ କରି ଆମ୍ଭମାନଙ୍କ ଆତ୍ମା ଯଦି ବିନଷ୍ଟ ହେଉଥାଏ, ତାହା କି ମଙ୍ଗଳଜନକ ?

ଶେଷରେ, ମନୁଷ୍ୟ ଜୀବନର ସର୍ବଶ୍ରେଷ୍ଠ ପୁରସ୍କାର ଅନନ୍ତର ଜୀବନର ମୁକୁଟ । ପାଉଲ ୧ମ ତୀମଥିରେ ଲେଖନ୍ତି, ''ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର, ଅନନ୍ତ ଜୀବନ ଧରି ରଖ, ସେଥିପାଇଁ ତ ତୁମ୍ଭେ ଆହୂତ ହୋଇଅଛ ଓ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଉତ୍ତମ ସାକ୍ଷ୍ୟ ଦେଇଅଛ ।'' (୧ମ ତୀମଥି ୬:୧୨) ବନ୍ଧୁ! ଆପଣ କେଉଁ ପୁରସ୍କାର ଲୋଡୁଅଛ ?

**- John Stacy**

❋ ❋ ❋

## ଉଭୟ ଆଦମଙ୍କ ପ୍ରଭାବ

ସଦାପ୍ରଭୁ ପରମେଶ୍ୱର ଛଅ ଦିନରେ ସମଗ୍ର ସୃଷ୍ଟି ସୃଷ୍ଟି କରି ଆପଣା ସ୍ୱହସ୍ତରେ ମନୁଷ୍ୟକୁ ଗଢ଼ି ଆଦମ ନାମ ଦେଲେ । ପ୍ରେରିତ ପାଉଲ ୧କ କରିନ୍ଥୀ ୧୫:୪୫ରେ ଦ୍ୱିତୀୟ ଆଦମଙ୍କ ବିଷୟରେ କହନ୍ତି, ''ପ୍ରଥମ ମନୁଷ୍ୟ ଆଦମ ଜୀବିତ ପ୍ରାଣୀ ହେଲେ, ଶେଷ ଆଦମ ଜୀବନଦାୟକ ଆତ୍ମା ହେଲେ ।'' ଯୀଶୁଖ୍ରୀଷ୍ଟ ସେହି ଦ୍ୱିତୀୟ ଆଦମ ଅଟନ୍ତି । ଆଦମ ଖ୍ରୀଷ୍ଟଙ୍କ ପ୍ରତିରୂପ (ରୋମୀୟ ୫:୧୪) । ଏହି ଦୁଇ ଆଦମଙ୍କ ମଧ୍ୟରେ କେତୋଟି ସାମଞ୍ଜସ୍ୟ ଓ କେତୋଟି ବିଭେଦ ଅଛି, ତାହା ବାକ୍ୟ ଦ୍ୱାରା ଆମ୍ଭେମାନେ ଜାଣିପାରିବା ।

ଉଭୟଙ୍କୁ ପିତା ପରମେଶ୍ୱର ଅଦ୍ଭୁତ ଭାବେ ଏହି ଜଗତରେ ପ୍ରେରଣ କରିଥିଲେ । ସେମାନେ ପ୍ରାକୃତିକ ଭାବେ ଜନ୍ମଗ୍ରହଣ କରି ନ ଥିଲେ । ପ୍ରଥମ ଆଦମ ପୃଥିବୀର ମାଟିରୁ ଗଢ଼ା ଯାଇଥିଲେ ଓ ଦ୍ୱିତୀୟ ଆଦମ ପବିତ୍ର ଆତ୍ମାଙ୍କ ଦ୍ୱାରା କନ୍ୟା

ମରିୟମଙ୍କ ଗର୍ଭରୁ ଜାତ ହେଲେ । ମନୁଷ୍ୟମାନଙ୍କ ଦୃଷ୍ଟିରେ ଏହି ଘଟଣା ଦ୍ୱୟ ଅଦ୍ଭୁତ ହେଲେ ହେଁ, ପରମେଶ୍ୱରଙ୍କ ନିକଟରେ ଅସାଧ୍ୟ କିଛି ନାହିଁ ।

ପ୍ରଥମ ଆଦମ ଶୁଦ୍ଧ, ପବିତ୍ର ଓ ନିଷ୍କଳଙ୍କ ଭାବେ ସଦାପ୍ରଭୁଙ୍କ ଦ୍ୱାରା ଗଢ଼ାଯାଇଥିଲେ । ସେ ନବଜାତ ଶିଶୁ ସଦୃଶ୍ୟ ପାପରହିତ ଥିଲେ । ଦ୍ୱିତୀୟ ଆଦମ ଖ୍ରୀଷ୍ଟଙ୍କ ବିଷୟରେ ପ୍ରେରିତ ପିତର ଲେଖନ୍ତି, ''ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନ ଥିଲା ।'' (୧ମ ପିତର ୨:୨୨) ଉଭୟ ଆଦମ ପ୍ରଲୋଭିତ ହୋଇଥିଲେ । ପରୀକ୍ଷାରେ ପରାସ୍ତ ହେବା ଲୋକେ ପାପର ଦାସ ହୁଅନ୍ତି । ସଦାପ୍ରଭୁ ମନୁଷ୍ୟଙ୍କୁ ଭଲ ଓ ମନ୍ଦର ପାର୍ଥକ୍ୟ ବୁଝିବା ନିମନ୍ତେ ଜ୍ଞାନ ଦେଇଅଛନ୍ତି । ପାପରେ ପରାସ୍ତ ନ ହୋଇ ଧାର୍ମିକତାର ଅନୁଗମନ କରିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କୁ ସମ୍ମାନିତ କରିଥାଉଁ । ପ୍ରଥମ ଆଦମ ପରିକ୍ଷିତ ହୋଇଥିଲେ, କିନ୍ତୁ ଦ୍ୱିତୀୟ ଆଦମ ''.........ବରଂ ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋ ଭାବେ ପରୀକ୍ଷିତ ହେଲେ ।'' (ଏବ୍ରୀ ୪:୧୫)

ଉଭୟ ଆଦମଙ୍କୁ ସଦାପ୍ରଭୁ ନାମକରଣ କରଥିଲେ । ଲେଖାଯାଏ, ''ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ, ଆଉ ସେମାନେ ସୃଷ୍ଟ ହେବା ଦିନ ସେମାନଙ୍କୁ ଆଶୀର୍ବାଦ କରି ଆଦମ (ମନୁଷ୍ୟ) ନାମ ଦେଲେ ।'' (ଆଦି ୫:୨) । ସେ ଯୀଶୁଙ୍କୁ ଖ୍ରୀଷ୍ଟ ନାମରେ ନାମାଙ୍କିତ କରିଥିଲେ ।

ଉଭୟ ଆଦମଙ୍କ ବିବାହ ସଦାପ୍ରଭୁ କରିଥିଲେ । ମନୁଷ୍ୟଙ୍କୁ ସୃଷ୍ଟି କରିବା ନିମନ୍ତେ ଏକ ସହକାରିଣୀ ଭାର୍ଯ୍ୟା ସୃଷ୍ଟି କରିଥିଲେ । ସେ ଏକ ପୁରୁଷ ନିମନ୍ତେ ଏକ ଭାର୍ଯ୍ୟାକୁ ସୃଷ୍ଟି କରିଥିବାରୁ ଦ୍ୱିତୀୟ ଭାର୍ଯ୍ୟା ଗ୍ରହଣ କରିବା ସଦାପ୍ରଭୁଙ୍କ ନିୟମ ବିରୁଦ୍ଧ ବୋଲି ଜାଣିପାରୁ । ତେଣୁକରି ବିବାହିତ ପୁରୁଷ ଓ ସ୍ତ୍ରୀ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ନ ହେବା ଈଶ୍ୱରଙ୍କ ଇଚ୍ଛା ଅଟେ । (ମାଥିଉ ୧୯:୩-୯, ୧ମ କରିନ୍ଥୀ ୭:୨-୩) । ପ୍ରଥମ ଆଦମଙ୍କ ସଦୃଶ୍ୟ ଦ୍ୱିତୀୟ ଆଦମଙ୍କର ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ବଧୂ ସ୍ୱରୂପ ଖ୍ରୀଷ୍ଟଙ୍କ ମଣ୍ଡଳୀ ଏହି ଜଗତରେ ସ୍ଥାପିତ କରାଯାଇଅଛି । (୨ୟ କରିନ୍ଥୀ ୧୧:୨, ପ୍ରକାଶିତ ୨୧:୯) ଆଦମଙ୍କୁ ଯେପରି ଏକମାତ୍ର ଭାର୍ଯ୍ୟା ଦତ୍ତ ହୋଇଥିଲା । ଖ୍ରୀଷ୍ଟଙ୍କ ବଧୂ ରୂପ ଖ୍ରୀଷ୍ଟଙ୍କ ମଣ୍ଡଳୀ ମଧ୍ୟ ଏକ ଓ ଅଭିନ୍ନ ଅଟେ ।

ଆଦମଙ୍କୁ ଘୋର ନିଦ୍ରାରେ ନିଦ୍ରିତ କରାଇ ସଦାପ୍ରଭୁ ପ୍ରଥମ ଅସ୍ତ୍ର ଚିକିତ୍ସା କରି ତାହାଙ୍କ ଶରୀରର ପଞ୍ଜରା ଦ୍ୱାରା ନାରୀକୁ ସୃଷ୍ଟି କରିଥିଲେ । ସେହିପରି ଯୀଶୁଖ୍ରୀଷ୍ଟ

ମୃତ୍ୟୁର ଘୋର ନିଦ୍ରାରେ ନିଦ୍ରିତ ହେବା ଫଳରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇପାରିଥିଲା । ଉଭୟ ଆଦମ ଆପଣା ଆପଣା ଭାର୍ଯ୍ୟାଙ୍କ ନିମନ୍ତେ ମାଂସ ଓ ରକ୍ତ ଦ୍ୱାରା ମୂଲ୍ୟ ପ୍ରଦାନ କରିଥିଲେ । ଯେଉଁ ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତ ଦ୍ୱାରା କ୍ରୀତ ତାହା ଅମୂଲ୍ୟ, ଅମର ଓ ଅକ୍ଷୟ ଅଟେ ।

ହବା ଯେପରି ଆଦମଙ୍କର ସାହାଯ୍ୟକାରିଣୀ ଥିଲେ, ମଣ୍ଡଳୀ ମଧ୍ୟ ଖ୍ରୀଷ୍ଟଙ୍କ ସାହାଯ୍ୟକାରିଣୀ ଅଟେ । ଆଦମ ଓ ହବା ଯେପରି ଏକ ଶରୀର ଥିଲେ, ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀ ଏକ ଶରୀର ଅଟନ୍ତି ।

ଈଶ୍ୱରଙ୍କ ଯୋଜନାନୁଯାୟୀ ସ୍ତ୍ରୀ ଆପଣା ସ୍ୱାମୀଙ୍କୁ ଧାରଣ କରି ତାହାଙ୍କୁ ସମ୍ମାନିତ କରେ । ସେହିପରି ମଣ୍ଡଳୀ ସ୍ୱାମୀ ଖ୍ରୀଷ୍ଟଙ୍କ ନାମ ଧାରଣ କରି ତାହାଙ୍କୁ ଗୌରବାନ୍ୱିତ କରେ । ଆପଣା ସ୍ୱାମୀଙ୍କ ନାମ ଧାରଣ ନ କରି ଅନ୍ୟଲୋକଙ୍କ ଧାରଣ କରିବାର ଅର୍ଥ ଆପଣା ସ୍ୱାମୀଙ୍କୁ ଲଜ୍ଜା ଦେବା ।

ଉପରଲିଖିତ ଅଂଶଗୁଡ଼ିକରୁ ଉଭୟ ଆଦମ ମଧ୍ୟରେ ଥିବା ସାମଞ୍ଜସ୍ୟ ଜାଣିପାରିଲୁ । ଏବେ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବା । ପ୍ରଥମ ଆଦମ ପାପ କଲେ, କିନ୍ତୁ ଦ୍ୱିତୀୟ ଆଦମ ପରମେଶ୍ୱରଙ୍କ ଆଜ୍ଞା ପାଳନ କଲେ । ଉଭୟଙ୍କ କର୍ମର ଫଳ ମାନବ ସମାଜକୁ ପ୍ରଭାବିତ କରିଅଛି । ଆଦମଙ୍କ ପାପ, ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁ ଘଟାଇଲା, କିନ୍ତୁ ଯୀଶୁଖ୍ରୀଷ୍ଟ ଆଜ୍ଞାବହତା ଆମ୍ଭମାନଙ୍କୁ ପରିତ୍ରାଣ ଓ ଅନନ୍ତଜୀବନ ପ୍ରଦାନ କରେ । ଆଦମଙ୍କ ପାପର ପ୍ରତିଫଳରେ ମୃତ୍ୟୁ ଆମ୍ଭମାନଙ୍କ ଉପରେ ରାଜତ୍ୱ କରେ, କିନ୍ତୁ ଖ୍ରୀଷ୍ଟଙ୍କ ଆଜ୍ଞାବହତା ଆମ୍ଭମାନଙ୍କୁ ଜୀବନ ଦିଏ । ପ୍ରଥମ ଆଦମଙ୍କ ଅବଜ୍ଞତା ହେତୁ ମନୁଷ୍ୟ ଏଦନ ଉଦ୍ୟାନରୁ ବିତାଡ଼ିତ ହେଲା, କିନ୍ତୁ ଖ୍ରୀଷ୍ଟଙ୍କ ଆଜ୍ଞାବହତା ଆମ୍ଭମାନଙ୍କୁ ସ୍ୱର୍ଗୀୟ ପାରଦୀଶରେ ପ୍ରବେଶ କରାଏ ।

**- Roy Beasley**

❋ ❋ ❋

# ଈଶ୍ୱରଙ୍କ ଠାରେ ବିଶ୍ୱାସ
## (Believe in God)

''ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ'' ବୋଲି ଏବ୍ରୀ ପୁସ୍ତକ କର୍ତ୍ତା ବିଶ୍ୱାସର ସଂଜ୍ଞା ନିରୂପଣ କରିଅଛନ୍ତି । (ଏବ୍ରୀ ୧୧:୧) । ଏହି ଐଶ୍ୱରିକ ବିଶ୍ୱାସ ଓ ଭରସା ଈଶ୍ୱରଙ୍କ ଆଜ୍ଞାବହ ହେବାରେ ସାହାଯ୍ୟ କରେ । ବିଶ୍ୱାସ, ଭରସା ଓ ଆଜ୍ଞାବହତା ଖ୍ରୀଷ୍ଟଧର୍ମର ମୂଳଭିତ୍ତି । ବିଶ୍ୱାସ ବିନୁ ଆମ୍ଭେମାନେ ଖ୍ରୀଷ୍ଟିୟାନ ଜୀବନରେ କିପରି ଅଗ୍ରସର ହୋଇପାରିବା ?

''ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।'' (ଏବ୍ରୀ ୧୧:୬) । ଈଶ୍ୱର ଯେ ଅଛନ୍ତି ଏବଂ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା ବୋଲି ଆମ୍ଭେମାନେ ବିଶ୍ୱାସ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ସନ୍ତୋଷ ପାତ୍ର ହୋଇପାରିବା । ଏହିପରି ବିଶ୍ୱାସ ବିନା ଆମ୍ଭେମାନେ କିପରି ତାହାଙ୍କ ଗ୍ରହଣଯୋଗ୍ୟ ଜୀବନଯାପନ କରିପାରିବା ?

ଆମ୍ଭମାନଙ୍କୁ ଘେରି ରହିଥିବା ସମସ୍ତ ଜୀବନଜଗତ ତାହାଙ୍କ ଅସ୍ତିତ୍ୱର ସାକ୍ଷ୍ୟ ଦିଏ । ଆକାଶ, ପୃଥିବୀ, ପଶୁପକ୍ଷୀ ଓ ପ୍ରତ୍ୟେକ ସୃଷ୍ଟ ପ୍ରାଣୀ, ସୃଷ୍ଟିକର୍ତ୍ତାଙ୍କ ରଚନା । ତେଣୁକରି ଦାଉଦ, ମହାରାଜ କହନ୍ତି, ''ଆକାଶ ମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।'' (ଗୀତ ୧୯:୧) । ମୃତ୍ୟୁ କେବଳ ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରେ । (ଗୀତ ୧୪:୧) । ମୁଢ଼ କେବଳ ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରେ । (ଗୀତ ୧୪:୧)

କେବଳ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ ଯଥେଷ୍ଟ ନୁହେଁ ଆମ୍ଭମାନଙ୍କୁ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଠାରେ ମଧ୍ୟ ବିଶ୍ୱାସ କରିବା ଆବଶ୍ୟକ । ଯେହେତୁ ସେ ନିଜେ ଏପରି କହିଅଛନ୍ତି, ''ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନହେଉ, ତୁମ୍ଭେମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସ କର ।'' (ଯୋହନ ୧୪:୧) । କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ କେହି ତାହାଙ୍କ ଠାରେ ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ,

ସେ ବିନଷ୍ଟ ନ ହୋଇ ଅନନ୍ତଜୀବନ ପ୍ରାପ୍ତ ହୁଏ । (ଯୋହନ ୩:୧୬) । ''ଯୀଶୁ ଉଚ୍ଚସ୍ୱରରେ କହିଲେ, ଯେ ମୋ ଠାରେ ବିଶ୍ୱାସ କରେ, ସେ ମୋ ଠାରେ ବିଶ୍ୱାସ କରେ ନାହିଁ, ମାତ୍ର ମୋହର ପ୍ରେରଣକର୍ତ୍ତା ଠାରେ ବିଶ୍ୱାସ କରେ ।'' (ଯୋହନ ୧୨:୪୪)

ବିଶ୍ୱାସର ପ୍ରତିଫଳ ଏତେ ଆଶୀର୍ବାଦଦାୟକ ହେଲେ ଅବିଶ୍ୱାସୀମାନଙ୍କ ଗତି କଅଣ ? ସେମାନଙ୍କ ବିଷୟରେ ଯୀଶୁ କହନ୍ତି, ''ଯେ ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିଚାରିତ ହୁଏ ନାହିଁ, ଯେ ବିଶ୍ୱାସ କରେ ନାହିଁ, ସେ ବିଚାରିତ ହୋଇ ସାରିଲାଣି, କାରଣ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ନାମରେ ବିଶ୍ୱାସ କରିନାହିଁ ।'' (ଯୋହନ ୩:୧୮) । ''ଯେ ପୁତ୍ରଙ୍କ ଠାରେ ବିଶ୍ୱାସ କରେ, ସେ ଅନନ୍ତଜୀବନ ପ୍ରାପ୍ତ ହୋଇଅଛି ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇ ରହିଥାଏ ।'' (ଯୋହନ ୩:୩୬) । ''ଯେଣୁ ତୁମ୍ଭେମାନେ ଯେ ଆପଣା ଆପଣା ପାପରେ କରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି, କାରଣ ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ ଆପଣା ଆପଣା ପାପରେ ମରିବ ।'' (ଯୋହନ ୮:୨୪) ଉପରଲିଖିତ ବାକ୍ୟଗୁଡ଼ିକରେ ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବାରେ ଆଶୀଷ ଓ ଅବିଶ୍ୱାସର ପ୍ରତିଫଳ ସ୍ପଷ୍ଟ ଭାବେ ବୁଝାଇ ଦିଆଯାଇଅଛି ।

ଈଶ୍ୱରଙ୍କ ଠାରେ ଓ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ବିଶ୍ୱାସ କଲେ କି କେବଳ ଆମ୍ଭମାନଙ୍କୁ ପାପରୁ ମୁକ୍ତି କରିପାରେ ? ଆମ୍ଭମାନଙ୍କ ଦୈନିକ ଆଚରଣ ବା କର୍ମ ଆମ୍ଭମାନଙ୍କ ବିଶ୍ୱାସର ପ୍ରତିରୂପ । ଖ୍ରୀଷ୍ଟ କହିଲେ, ''ଆଉ ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ, ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁନାହଁ ?'' (ଲୂକ ୬:୪୬) ପର୍ବତ ଉପଦେଶାବଳୀରେ ଯୀଶୁଙ୍କ କଥିତ ବାକ୍ୟ ମାଥିଉ ଏପରି ଭାବେ ଲିପିବଦ୍ଧ କରିଅଛନ୍ତି, ''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।'' ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ ଆମ୍ଭେମାନେ କି ତୁମ୍ଭମାନଙ୍କରେ ଭାବବାଣୀ କହିଲୁ ନାହିଁ ? ପୁଣି ତୁମ୍ଭମାନରେ କି ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣିନାହିଁ, ''ହେ

ଅଧର୍ମାଚାରୀମାନେ ମୋ ପାଖରୁ ଦୂର ହୁଅ ।'' (ମାଥିଉ ୮:୨୩) ଧର୍ମ କର୍ମରେ ନିବିଷ୍ଟ ଏହି ବିଶ୍ୱାସୀମାନେ, ଈଶ୍ୱରଙ୍କ ଇଚ୍ଛା ସାଧନକାରୀ ନ ଥିବାରୁ, ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବେ ନାହିଁ ।

ଈଶ୍ୱରଙ୍କ ଆଜ୍ଞାପାଳନ ବିନା ଆମ୍ଭମାନଙ୍କ ବିଶ୍ୱାସ ବୃଥା । ତେଣୁକରି କେବଳ ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରିପାରେ ନାହିଁ । ଯାକୁବ କହନ୍ତି, ''ସେହିପରି ମଧ୍ୟ ବିଶ୍ୱାସ କର୍ମ ବିନା ମୃତ'' (ଯାକୁବ ୨:୧୭) । ''କେବଳ ବିଶ୍ୱାସ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ନ ହୋଇ କର୍ମ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ, ଏହା ତୁମ୍ଭେମାନେ ଦେଖୁଅଛ ।'' (ଯାକୁବ ୨:୨୪) । କାରଣ ଆତ୍ମା ବିନା ଶରୀର ଯେପରି ମୃତ, ସେହିପରି କର୍ମ ବିନା ବିଶ୍ୱାସ ମଧ୍ୟ ମୃତ ।'' (ଯାକୁବ ୨:୨୬) । ଯାକୁବ ଅନେକ ଉଦାହରଣ ଦ୍ୱାରା କେବଳ ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରିପାରେ ନାହିଁ ବୋଲି ଆପଣା ପତ୍ରିକା ଦ୍ୱାରା ଆମ୍ଭମାନଙ୍କୁ ଜଣାଇ ଦେଇଅଛନ୍ତି ।

ଅନେକ ସୁସମାଚାର ପ୍ରଚାରକମାନେ ଯୋହନ ୩:୧୬ ପଦ ଉଦାହରଣ ସ୍ୱରୂପ ନେଇ କେବଳ ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରିପାରିବ ବୋଲି ଶିକ୍ଷା ଦେଇଥାନ୍ତି । ସେହି ପଦ ଅନୁଯାୟୀ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଲୋକେ ବିନଷ୍ଟ ହେବେ ନାହିଁ । ଯେଉଁମାନେ ଈଶ୍ୱରଙ୍କ ପୁତ୍ର ଠାରେ ବିଶ୍ୱାସ କରନ୍ତି ସେମାନେ କି ତାହାଙ୍କ ଆଜ୍ଞା ଅବଜ୍ଞା କରିବେ ?

ଯଦିଓ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇଥାଉ (ରୋମୀୟ ୫:୧) । ତଥାପି କେବଳ ବିଶ୍ୱାସ ଦ୍ୱାରା ହିଁ ନୁହେଁ । କାରଣ ପାଉଲ ଏଫିସୀ ୨:୮-୯ରେ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଅଛ ବୋଲି କହିଅଛନ୍ତି । ମନ ପରିବର୍ତ୍ତନ ବାପ୍ତିସ୍ମ ଓ ଖ୍ରୀଷ୍ଟିୟାନ ଜୀବନ ବିନା ଆମ୍ଭେମାନେ ପରିତ୍ରାଣ ପାଇ ନ ପାରୁ । ବିଶ୍ୱାସ କର୍ମବିନା ମୃତ । ଯେଉଁ ବିଶ୍ୱାସ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟର ଆଜ୍ଞାଧିନ ହୋଇଥାଉଁ, ସେହି ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରିଥାଏ । ପକ୍ଷଘାତ ରୋଗୀକୁ ବୋହି ଆଣିଥିବା ଲୋକମାନଙ୍କ ବିଶ୍ୱାସ ଯୋଗୁଁ ଯୀଶୁଖ୍ରୀଷ୍ଟ ସେହି ରୋଗୀକୁ ସୁସ୍ଥ କରିଥିଲେ । ଆମ୍ଭମାନଙ୍କ ଦୈନିକ ଆଚରଣ ଈଶ୍ୱରଙ୍କ ସନ୍ତୋଷଜନକ ନଥିଲେ, ଆମ୍ଭମାନଙ୍କ ବିଶ୍ୱାସ ବୃଥା ଓ ମୃତ ଅଟେ ।

ବିଶ୍ୱାସ, ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଅନେକ ଆଜ୍ଞାଗୁଡ଼ିକରୁ ଅନ୍ୟତମ । ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରିବାରେ ବିଶ୍ୱାସ ଜାତ ହୋଇଥାଏ । ଏହି ବିଶ୍ୱାସ ଦ୍ୱାରା

ଆମ୍ଭେମାନେ ମନ ପରିବର୍ତ୍ତନ କରି, ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି, ବାପ୍ତିଜିତ ହୋଇ ପରିତ୍ରାଣ ପାଇପାରିଥାଉଁ । ବିଶ୍ୱାସ ବିନୁ ଆମ୍ଭେମାନେ କିପରି ତାହାଙ୍କ ଆଜ୍ଞାଗୁଡ଼ିକ ପାଳନ କରିପାରିବା ?

ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ ପୂର୍ବରୁ କହିଲେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬) । ଈଶ୍ୱରଙ୍କ ଠାରେ ବିଶ୍ୱାସ କରୁ ନଥିବା ଲୋକେ, ତାହାଙ୍କ ଆଜ୍ଞା ଅବଜ୍ଞା କରିବା ସ୍ୱାଭାବିକ କିନ୍ତୁ ଈଶ୍ୱରଙ୍କ ଠାରେ ବିଶ୍ୱାସ କରୁଥିବା ଲୋକେ ତାହାଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ ତାହାଙ୍କ ଆଜ୍ଞା ପାଳନ କରି ବାପ୍ତିଜିତ ହେବେ ।

ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ୨ୟ ଅଧ୍ୟାୟରେ ଆମ୍ଭେମାନେ କେତେକ ଅବିଶ୍ୱାସୀ ଯିହୂଦୀମାନଙ୍କ ବିଷୟ ପଢ଼ିପାରିଥାଉଁ । ସେମାନଙ୍କ ମଧ୍ୟରୁ କେତେକ ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପ୍ରଚାର କରିବାରୁ ସେମାନେ ବିଶ୍ୱାସ କରି ପଚାରିଥିଲେ,''ଭାଇମାନେ, ଆମ୍ଭେମାନେ କଅଣ କରିବା ?'' (ପ୍ରେରିତ ୨:୩୭) ସେହିଦିନ ସେମାନଙ୍କ ବିଶ୍ୱାସ ପ୍ରମାଣ କରିବା ନିମନ୍ତେ ତିନି ସହସ୍ର ଲୋକେ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ପ୍ରେରିତ ୨:୪୧) । ଫିଲିପଙ୍କ ଦ୍ୱାରା ପ୍ରଚାରିତ ସୁସମାଚାରରେ ବିଶ୍ୱାସ କରି ଶମିରୋଣରେ ଅନେକ ବାପ୍ତିଜିତ ହୋଇଥିଲେ । (ପ୍ରେରିତ ୮:୧୨) କୁଶଦେଶୀୟ ନପୁଂସକ ଫିଲିପଙ୍କ ଦ୍ୱାରା ପ୍ରଚାରିତ ସୁସମାଚାରରେ ବିଶ୍ୱାସ କରି ବାପ୍ତିଜିତ ହୋଇ ଆନନ୍ଦରେ ଆପଣା ଦେଶକୁ ବାହୁଡ଼ି ଯିବାର ବିବରଣ ଆମ୍ଭେମାନେ ପ୍ରେରିତ ୮:୨୬-୩୯ ପଦଗୁଡ଼ିକରେ ପଢ଼ୀପାରିଥାଉଁ । ପାଉଲ ଓ ଶୀଲାଙ୍କ ପ୍ରଚାରିତ ବାକ୍ୟରେ ବିଶ୍ୱାସ କରି ଫିଲୀପୀୟ କାରାରକ୍ଷକ ସପରିବାରରେ ବାପ୍ତିଜିତ ହୋଇଥିଲେ । (ପ୍ରେରିତ ୧୬:୩୦-୩୩) । ପ୍ରେରିତମାନଙ୍କ କାର୍ଯ୍ୟର ବିବରଣରେ ବର୍ଣ୍ଣିତ ଓ ଅନ୍ୟାନ୍ୟ ଘଟଣାବଳୀରେ ମଧ୍ୟ ଏହିପରି ଭାବେ ଲୋକେ ବିଶ୍ୱାସ କରି, ଆଜ୍ଞାବହ ହୋଇଥିବାର ବିବରଣ ଆମ୍ଭେମାନେ ପଢ଼ିପାରିଥାଉଁ ।

ଆମ୍ଭମାନଙ୍କୁ କେବଳ ଏକମାତ୍ର ବାଇବଲ ଦିଆଯାଇଅଛି । ସେହି ବାଇବଲର ବାକ୍ୟ ଶ୍ରବଣ କରି ଗ୍ରହଣ କରିବା ଦ୍ୱାରା ଯେଉଁ ବିଶ୍ୱାସ ଜାତ ହୁଏ, ତାହା ଆମ୍ଭମାନଙ୍କୁ ତାହାଙ୍କ ଆଜ୍ଞାଧିନ ହେବାରେ ସାହାଯ୍ୟ କରିଥାଏ ।

2. She had to choose between staying in Moab or return to Bethlehem. (Rut.1:6).
3. She had no means to take care of her daughters in law. (Rut.1:11).
4. She was old and had no more sons to give to her daughters in law. (Rut.1:12).
5. She had to let her daughters in law who were her only help to go back to their respective people. (Rut.1:13).
6. She returned to Bethlehem to be with the people of the Lord. (Rut.1:22).

B. Ruth.

1. She lost her husband at a young age and without children. (Rut.1:5)
2. When Orpah left to be with her people, Ruth stayed with Naomi. (Rut.1:15).
3. There was no promise of brighter future for Naomi or Ruth.
4. She returned to Bethlehem with Naomi. (Rut.1:22).
5. She went to do hard work labor in the fields. (Rut.2:2).
6. She set out to earn wages and food to take care of herself and Naomi. (Rut.2:2).

C. Boaz.

1. Ruth asked him totake her as his wife, as he was the nearest kinsman. (Rut.3:9).
2. He took upon himself to do the right thing for her. (Rut.3:10–12).
3. But he was mindful to safe guard the honor of Ruth. (Rut.3:14–16).
4. He was restless until he did theright thingunto her. (Rut.3:18).
5. He went and spoke with the next of the kinsman in front of the elders to redeem for Ruth. (Rut.4:4–5).
6. When that man refused to redeem, Boaz went and paid the price to take Ruth to be his wife. (Rut. 4: 11).

## II. People that made wrong choices.

A. Orpah.

1. She lost her husband at young age and had no children. (Rut.1:5).
2. Her mother in law insisted that she return to her homeland. (Rut.1:9).
3. She wept on that decision of her mother in law. (Rut.1:9).
4. She did not want to return to her homeland. (Rut.1:10).
5. Naomi insisted that she return back to her people. (Rut.1: 11 – 13).
6. She kissed Naomi and returned to her people. (Rut.1:14 – 15).
7. She returned to worship other gods. (Rut.1:15).
8. It is a sin to worship other gods. (Exo.20:2–3).

B. Man next of the kinsmen of Naomi.

1. It was his right to purchase the land from Naomi. (Rut.4:4).
2. It was his responsibility to take Ruth as his wife and bear children. (Rut.4:5).
3. He did not want to lose inheritance bearing children to Ruth. (Rut.4:6).
4. He did not have strong conviction to do the right thing according to the law.

## III. Lessons to learn from these narratives.

A. Naomi feared the Lord. (Rut.1:6).
B. Ruth continued to have faith in God of Naomi even in tough times. (Rut.1:16 – 17).
C. Boaz strived to do what is right in the sight of the Lord. (Rut.4: 1–10).
D. The Lord blessed them for their faith and gave Ruth children. (Rut.4:13).
E. The same genealogy came forth David and Jesus. (Rut.4:22).
F. Orpah sinned by worshipping other gods.
G. The man next of kin of Naomi did not inherit any of the blessings of the Lord.

## IV. Practical applications to Christian age.

A. Many people in the modern church quit the Lord during hard times.
B. We must continue to have faith in Lord and do what is right in His sight.
C. Jesus calls us to put our burdens on Him. (Mat.11:28).
D. He promised to give us rest. (Mat.11:28).

## *Conclusion:*

1. Naomi lost her husband and her two sons.
2. She was willing to send her daughters in law back to their respective people.
3. When Orpah returned Ruth had faith in the Lord and returned with Naomi to Bethlehem
4. The Lord blessed Ruth for her faith and gave her a husband and children. (Rut.4:13).
5. Likewise during hard times we are not to quit the Lord and his church.
6. We need to be steadfast in our faith and cast our burdens of Him. (Mat.11:28).

*Ronnie Gootam.*

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)